# ତହସିଲଦାରଙ୍କ କାର୍ଯ୍ୟାଳୟ, କଣିହାଁ

ବିଜ୍ଞାପନ ସଂଖ୍ୟା ...୬୧୦୬...

ତାରିଖ ୧୫.୧୦.୨୦୧୮

## ଲଘୁ ଖଣିଜ ଦ୍ରବ୍ୟର ଲିଜ୍ ସକାଶେ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଁ ଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲା ଅଧିନସ୍ଥ କଣିହାଁ ତହସିଲରେ ଥିବା ନିମ୍ନ ଲିଖିତ ବକେୟା ଲଘୁ ଖଣିଜ ଦ୍ରବ୍ୟର ଉତ୍ସ ଗୁଡିକୁ OMMC Rule-2016 ଅନୁଯାୟୀ 2018-19 ବର୍ଷ ଠାରୁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules 2016 ର Form-M ରେ ପୁରଣ କରି ଏହାର ତିନି କପିସହ ନିମ୍ନ ଲିଖିତ ଦଲିଲ ଗୁଡିକୁ ସଂଲଗ୍ନକରି ଜଉମୁଦ ଲଫାପାରେ ଆବେଦନ କରିବେ ଯାହାକି ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯାଳୟରେ ତା ୩୦-୧୦-୨୦୧୮ ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ତହସିଲ ଅଫିସରେ ଥିବା ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ କିମ୍ଵା ରେଜେଷ୍ଟ୍ରି ଡାକ ଯୋଗେମଧ୍ୟ ନିମ୍ନ ଲିଖିତ ଠିକଣାରେ ପଠାଇ ପାରିବେ । (ତହସିଲଦାର କଣିହାଁଙ୍କ କାର୍ଯ୍ୟାଳୟ- ପୋ.ଅ- କଣିହାଁ, ଜି- ଅନୁଗୋଳ) ଉପରୋକ୍ତ ଧାର୍ଯ୍ୟ ସମୟ ପରେ ହସ୍ତଗତ ହୋଇଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡିକୁ ତା ୩୧-୧୦-୨୦୧୮ ରିଖ ଦିବା ୧୧ଘଟିକା ସମୟରେ ସମସ୍ତ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ଚୟନ କରାଯିବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସପାଇଁ ଦରଖାସ୍ତ କରାଯାଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ଘୋଷିତ ହୁଅନ୍ତି ତେବେ ୨ୟ ଥର ପାଇଁ ତା ୦୬-୧୧-୨୦୧୮ ରିଖ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ କରି ପାରିବେ । ଏବଂ ଉକ୍ତ ଦରଖାସ୍ତ ଗୁଡିକୁ ତା ୦୮-୧୧-୨୦୧୮ରିଖ ଦିବା ୧୧ଘଟିକା ସମୟରେ ସମସ୍ତ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ଚୟନ କରାଯିବ । ସେହିପରି ଯଦି ୨ୟ ଥରରେ ଅଯୋଗ୍ୟ ବିବେଚିତ କିମ୍ଵା ବଳକା ଉତ୍ସ ଗୁଡିକ ୩ୟ ଥର ପାଇଁ ତା ୧୪-୧୧-୨୦୧୮ ରିଖ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ପୁନଃ ଦରଖାସ୍ତ ସମାନ ଉପାୟରେ ଗ୍ରହଣ କରାଯିବ, ଯାହାକି ତା୧୫-୧୧-୨୦୧୮ ରିଖ ଦିବା ୧୧ଘଟିକା ସମୟରେ ଖୋଲାଯାଇ ଚୟନ କରାଯିବ ।

Scanned by CamScanner

ଆବେଦନ ପତ୍ର "Form-M" ସହିତ ଦାଖଲ କରିବାକୁ ଥିବା ଦଲିଲ ଏବଂ କାଗଜାତ

୦୧- ଦରଖାସ୍ତ ଜମା ଟ.୧୦୦୦.୦୦ (ଏକହଜାର ଟଙ୍କା ମାତ୍ର) Treasury Challan ଦ୍ୱାରା (Non-Refundable) ଏହା (0853-Non-Ferrous Mining & Metallurgical Industries 102- Mineral Concession Fees, Rents & Royalties) ଏହି Head of Account ରେ ଜମା ହେବା ବିଧେୟ ।

୦୨- ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ଚୌହଦି ତଥା ସମ୍ପୂର୍ଣ୍ଣ ଜମିର ବିବରଣୀ, ଏହି ବିଜ୍ଞାପନରେ ଥିବା ନାମ ଓ କେସ୍ ନଂ ସଠିକ୍‌ଭାବେ ଲେଖିବା ବିଧେୟ ।

୦୩- ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନଥିବା ସମ୍ବଧରେ ଏକ ସତ୍ୟ ପାଠ ।

୦୪- ଚୁକ୍ତିରକ୍ଷା ଅର୍ଥ (Earnaest money) ଜମା ଯାହାକି ସମ୍ପୂର୍ଣ୍ଣ ଏକବର୍ଷ ପାଇଁ ଉଦ୍ଦିଷ୍ଟ ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ (Minimum Guaranteed Quantity (MGQ)) ନିମିତ୍ତ ରୟାଲଟି ଏବଂ ନ୍ୟୁନତମ ଅତିରିକ୍ତ ଦେୟର (Minimum Additional Charge)ର ୫ପ୍ରତିଶତ ।

୦୫- ୧୮ମାସ ପାଇଁ ବୈଧ Solvency Certificate କିମ୍ବା Bank Guarantee ଯାହାକି ଆବେଦନ କରିଥିବା ସୈରାତ ଉତ୍ସର ୧ବର୍ଷ ପାଇଁ ଉଦ୍ଦିଷ୍ଟ ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ (Minimum Guaranteed Quan tity (MGQ)) ନିମିତ୍ତ ରୟାଲଟି ଏବଂ ଅତିରିକ୍ତ ଦେୟ (Additional Charge Quoted / Offered) ଠାରୁ କମ ହୋଇ ନଥିବ ।

୦୬- ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର ।

୦୭- ଆବେଦନକାରୀଙ୍କ PAN Cardର ଫଟୋକପି ବା ନକଲ ।

୦୮- Income Tax Clearance କିମ୍ବା ଗତ Assement Year ର Income Tax Returne ର ନକଲ । ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଥାଇ ଦରଖାସ୍ତକୁ ରଦ୍ଦ୍ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି । ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules - 2016 ଓ Odisha Minor Mineral Conces sion (Amendment) Rules - 2017 ଏବଂ Odisha District Mineral Foundation (Amend ment) Rules - 2015ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ । ଏତଦ୍ ବ୍ୟତିତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତାନୁଯାୟୀ ଦରଖାସ୍ତ କରିବାପାଇଁ ଅବଗତ କରାଯାଉଅଛି ।

## ସର୍ତ୍ତାବଳୀ

୦୧- ଆବେଦନକାରୀ ମାନେ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ଏବଂ ଓଡିଶା ଲଘୁ ଖଣିଜଦ୍ରବ୍ୟ ରୀହାତି (ସଂଶୋଧନ ନିୟମ-୨୦୧୭)ର ପରିସର ଭୂକ୍ତ ରହିବେ ଏବଂ ପାଳନ କରିବାକୁ ବାଧ୍ୟ ହେବେ ।

୦୧- ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସ ଗଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନର ସୁବିଧା ଗଚ୍ଛିତଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୦୨- ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

Scanned by CamScanner

୦୩- ଦରଖାସ୍ତକାରୀଙ୍କୁ କୌଣସି ପରିସ୍ଥିତିରେ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ନ୍ୟୁନତମ ଅତିରିକ୍ତ ଦେୟ (**Minimum Additional Charge**)ଠାରୁ କମ୍‌ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ସର୍ବାଧିକ ଅତିରିକ୍ତ ଦେୟ (**Additional Charge**)ପ୍ରସ୍ତାବ ଦେଇଥିବା ଯୋଗ୍ୟ ଦରଖାସ୍ତ କାରୀଙ୍କୁ ଏହିଲିଜ୍ ପାଇଁ ଅଗ୍ରାଧିକାର ଦିଆଯିବ ଏବଂ ଯଦି ଏକାଧିକ ଦରଖାସ୍ତକାରୀଙ୍କ ପ୍ରସ୍ତାବିତ ମୂଲ୍ୟ ସମାନ ଥାଏ ତେବେ ଲଟେରୀ ମାଧ୍ୟମରେ ଚୟନ କରାଯିବ ।

୦୪- ଚୟନ ହେଲାପରେ ଆନେଦନକାରୀ ୧୫ଦିନ ମଧ୍ୟରେ ଧାର୍ଯ୍ୟ ହୋଇଥିବା ଦେୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ Demand Draft ଆକାରରେ ଦାଖଲ କରିବେ ।

୦୫- ଚୟନ ହେଲାପରେ ଦରଖାସ୍ତକାରୀ Mining Plan ଅନୁମୋଦନ ହୋଇଥିବା ଉତ୍ସର Mining Plan ପ୍ରସ୍ତୁତି ସମ୍ବନ୍ଧୀୟ RQP ଙ୍କ ଦ୍ୱାରା ଧାର୍ଯ୍ୟ ଖର୍ଚ୍ଚ ତତ୍‌କ୍ଷଣାତ୍ ଦାଖଲ କରିବେ । Mining Plan ଅନୁମୋଦନ ହୋଇ ନଥିବା ଉତ୍ସପାଇଁ Authorised Officer (DD Mines, Talcher) ଙ୍କ ଠାରୁ Mining Plan ୩୦ଦିନ ମଧ୍ୟରେ ଆଣି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଦାଖଲ କରିବେ ତଥା ତତ୍‌ସମ୍ବନ୍ଧୀୟ ସମସ୍ତ ଦେୟ ନିଜେ ବହନ କରିବେ ।

୦୬- ଚୟନ ହୋଇଥିବା ଦରଖାସ୍ତକାରୀ Authorised Officerଙ୍କ ଦ୍ୱାରା Mining Planରେ ପ୍ରସ୍ତାବିତ ପରିମାଣର ଲଘୁ ଖଣିଜର ଧାର୍ଯ୍ୟ ରୟାଲଟି ଏବଂ OMMC Rule-2016 ରେ ଧାର୍ଯ୍ୟ ଅନ୍ୟାନ୍ୟ ଦେୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଜ୍ ଡିଡ୍ ପୂର୍ବରୁ ଦାଖଲ କରିବେ ।

୦୭- ଲିଜ୍‌ଧାରୀମାନେ ନିଜ ଉତ୍ସ ପରିଚାଳନା ନିମନ୍ତେ ୫ହେକ୍ଟରରୁ କମ୍ ଉତ୍ସପାଇଁ District Environment Impact Assessment Authority (DEIAA ) , Angul ଙ୍କ ଠାରେ ଏବଂ ୫ହେକ୍ଟର ରୁ ଅଧିକ ଉତ୍ସପାଇଁ State Environment Impact Assessment Authority (SEIAA ), BBSRଙ୍କ ଠାରେ Environmental Clearance ପାଇଁ ଦାଖଲ କରିବେ ଏବଂ ନିଜ ଦାୟୀତ୍ୱରେ EC ଆଣିବେ ।

୦୮- ଲିଜ୍‌ଧାରୀ ମାନଙ୍କୁ ପରିବେଶ ଅନୁମୋଦନ ନିମନ୍ତେ ଧାର୍ଯ୍ୟଦେୟ Chairman SEIAA, Odisha, Bhubaneswar କିମ୍ବା Chairman DEIAA, Angulଙ୍କ ଠାରେ ଦାଖଲ କରିବେ । ତନଖି ଦେୟ ବାବଦରେ ବାଲି ଖାଦାନ ପାଇଁ ଟ.୧୦୦୦.୦୦ (ଏକହଜାର ଟଙ୍କା) ଏବଂ ଅନ୍ୟ ଖାଦାନ ପାଇଁ ଟ୫୦୦୦.୦୦ (ପାଞ୍ଚ ହଜାର ଟଙ୍କା) ତହସିଲଦାର କଣିହାଁଙ୍କ ଠାରେ Bank Draft ଆକାରରେ ଦାଖଲ କରିବେ ।

୦୯- ପରିବେଶ ମଞ୍ଜୁରୀ ପ୍ରାପ୍ତ ହେଲା ପରେ State Pollution Control Board ଦ୍ୱାରା ଅନୁମୋଦିତ ଆବଶ୍ୟକୀୟ ମଞ୍ଜୁରୀ ପତ୍ର ଦାଖଲ କରିବେ । ରୟାଲଟିର ୨ଶତକଡା ଲିଜ୍‌ଧାରୀ ଆୟକର (T.C.S) ଚାଲାଣ ଆକାରରେ ଜମା କରିବେ ।

୧୦- ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଂଜୁରୀ ଦାଖଲ ନକଲେ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ପାଳନ ନକଲେ ଅମାନତ ରାଶି ବ୍ୟାଜାପ୍ତ କରାଯିବ ଏବଂ ଲିଜ୍‌ଖାରଜ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୧- ପୁନଶ୍ଚ ନିୟମାନୁଯାୟୀ ଆବଶୀକସ୍ଥଳେ ପଇଠ ହୋଇଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

୧୨- ସମସ୍ତ ପ୍ରକ୍ରିୟା ସମାପ୍ତ ହେଲାପରେ ରୟାଲଟି, Surface rent, deadrent, DMF/EMF Contribution ଏବଂ Addl. changes ଦାଖଲ କରି ସାରିବା ପରେ OMMC Rule-2016 ଅନୁଯାଇ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲିଜ୍‌ଧାରୀ Registration Act 1908 ଓ Stampact 1999 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ।

Scanned by CamScanner

୧୩- ଲିଜଧାରୀ ସୈରାତ ଉତ୍ସର ଓ ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରିକର ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ନିଜ ଖର୍ଚ୍ଚରେ ।

୧୪- ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ଲଘୁଖଣିଜ ଉଠାଇ ପାରିବେ ନାହିଁ ।

୧୫- ସର୍ବୋଚ୍ଚ ନିଲାମଧାରୀ ରାଜସ୍ୱ ପରିଚାଳନା ବିଭାଗ ଆଦେଶ ସଂଖ୍ୟା 22781/R&DM/06.08.2015 ଅନୁସାରେ କରାଯାଇଥିବା Mining planର ଆକଳନ ଖର୍ଚ୍ଚ ୭ଦିନ ମଧ୍ୟରେ ତହସିଲଦାରଙ୍କ ନିକଟରେ ପଇଠ କରିବେ । ଏତଦ୍ ବ୍ୟତୀତ RQPଙ୍କ ଦ୍ୱାରା ନିର୍ଦ୍ଧାରିତ ଅତିରିକ୍ତ ଖର୍ଚ୍ଚ ମଧ ବହନ କରିବେ ।

୧୬- ବାଲିଉତ୍ସ ପାଇଁ Authorised Officer ଙ୍କ ଠାରୁ ଉତ୍ସର ସୁରକ୍ଷା ଅଞ୍ଚଳ (Safety Zone) ସ୍ଥିର କରାଇଲେ ଏବଂ ଚିହ୍ନିତ ହୋଇଥିବା ସୁରକ୍ଷା ଅଞ୍ଚଳ (Safety Zone) ରେ ଲିଜ୍‌ଧାରୀ କୌଣସି ପ୍ରକାର ବାଲି ଉତ୍ତୋଳନ କରିବେ ନାହିଁ ଏବଂ Mining plan ନିର୍ଦ୍ଧାରିତ ଗଭୀରତାକୁ ଅତିକ୍ରମ କରିବେ ନାହିଁ ।

୧୭- ଅନୁମୋଦିତ Mining Plan ଅନୁସାରେ ନିଲାମ ଧାରୀ ବର୍ଷରେ ନିର୍ଦ୍ଦିଷ୍ଟ ମାତ୍ରାର ଖଣିଜ ଉତ୍ତୋଳନ କରି ପାରିବେ ।

୧୮- ଲିଜଧାରୀଙ୍କୁ Mining Plan ଏବଂ EC ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଣିବାକୁ ପଡିବ ନଚେତ୍ ଲିଜ ବାତିଲ୍ କରାଯିବ ।

୧୯- ଏତଦ୍ ବ୍ୟତୀତ ଲିଜଧାରୀମାନେ Odisha District Mineral Foundation (Amendment) Rules - 2015 ଧାରା ୯ ଉପଧାରା ୨ ଅନୁଯାୟୀ ଉତ୍ସ ନିମନ୍ତେ ଧାର୍ଯ୍ୟ ରୟାଲଟିର ୧୦% District Mineral Foundation , Angul ଙ୍କ ନିମନ୍ତେ ଦାଖଲ କରିବେ । ଏହି ସର୍ତ୍ତାବଳୀରେ କୌଣସି ପ୍ରକାର ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ଅଛି ଏବଂ ତାହାକୁ ଲିଜଧାରୀ ମାନିବା ପାଇଁ ବାଧ୍ୟ ହେବେ ।

୨୦- ପୂର୍ବରୁ ସରକାରୀ ଦେୟ ବାକିରଖିଥିବା ବ୍ୟକ୍ତି ବଶେଷଙ୍କ ଟେଣ୍ଡର ପେପରକୁ ବିଚାରକୁ ନିଆଯିବ ନାହିଁ ।

୨୧- ଏହି ସର୍ତ୍ତାବଳୀରେ କୌଣସି ପ୍ରକାର ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ଅଛି ଏବଂ ତାହାକୁ ଲିଜଧାରୀ ମାନିବା ପାଇଁ ବାଧ୍ୟ ହେବେ ।

୨୨- ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନରେ ଦେଖି ପାରିବେ ।

୨୩- ଲିଜ୍‌ଧାରୀମାନେ ଇସ୍ତାହାର ସମ୍ବନ୍ଧିୟ ସମସ୍ତ ଖର୍ଚ୍ଚ ସମାନୁପାତିକ ଭାବରେ ବହନ କରିବେ ।

୨୪- ଲିଜ୍ ଧାରୀମାନେ ସରକାରଙ୍କର ପ୍ରଦତ୍ତ ନିୟମାବଳୀ ଅନୁସାରେ ସମୟାନୁଯାୟୀ ପରିବର୍ତ୍ତିତ ନିର୍ଦ୍ଦେଶନାମା ପାଳନ କରିବାକୁ ବାଧ୍ୟ ହେବେ ।

===000===

Scanned by CamScanner

## ବକେୟା ସୈରାତ ଉତ୍ସ ଗୁଡିକର ବିବରଣୀ

| କ୍ର. ନଂ | ମୌଜାର ନାମ | କେସ ନଂ. | ସୈରାତ ଉତ୍ସର ନାମ ଏବଂ ପ୍ରକାର | ଖାତା ନଂ. | ପ୍ଲଟ୍ ନଂ. | ରକବା ଏକର ରେ | EMD Rs. | MGQ per year in Cum | Rate of Royalty /Cum | Minium Addl. Charge per Cum in Rs. | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୧ | ଗୌଣିଘଷା | ୯୦/ ୧୪-୧୫ | ଗୌଣିଘଷା ନଦୀ ବାଲି | ୨୭୩ | ୩୧୭୫ | ୨.୦୦ | ୪୦୧୦/- | ୨୧୮୨ | ୩୫.୦୦ | ୧.୭୫ | Mining Plan ଅନୁ ମୋଦିତ |
| ୦୨ | ବଜ୍ରକୋଟ | ୮୯/ ୧୪-୧୫ | ବଜ୍ରକୋଟ ନଦୀ ବାଲି | ୫୧୯ | ୨୪୦୨ | ୧୩.୫୦ | ୨୧୧୩୧/- | ୧୧୫୦୦ | ୩୫.୦୦ | ୧.୭୫ | Mining Plan ଅନୁ ମୋଦିତ |
| ୦୩ | ଗଦାଶିଳା | ୬୫/ ୧୬-୧୭ | ଗଦାଶିଳା ନଦୀ ବାଲି | ୩୦୬ | ୧ | ୧୩.୫୦ | ୨୫୧୭/- | ୧୩୭୦ | ୩୫.୦୦ | ୧.୭୫ | Mining Plan Not Prepared |
| ୦୪ | ଡେରଙ୍ଗ | ୭୨/ ୧୪-୧୫ | ଡେରଙ୍ଗ(ଗ) ପଥର ଖଣୀ | ୭୫୮ | ୫୮୧୧ | ୦୧.୧୧ | ୬୪୪/- | ୩୫୦ | ୧୩୦.୦୦ | ୬.୫୦ | Mining Plan ଅନୁ ମୋଦିତ |
| ୦୫ | ସାନତ୍ରିବିଡା | ୮୬/ ୧୪-୧୫ | ସାନତ୍ରିବିଡା ନଦୀ ବାଲି | ୨୪୧ | ୨୦୯୧ | ୧୩.୦୦ | ୨୫୭୩୩/- | ୧୪୦୦୪ | ୩୫.୦୦ | ୧.୭୫ | Mining Plan ଅନୁ ମୋଦିତ |
| ୦୬ | ଆମ୍ବପାଳ | ୮୩/ ୧୪-୧୫ | ଆମ୍ବପାଳ ମୋରମ ଖଣି | ୮୭ | ୧ | ୦.୪୦ | ୮୮୨/- | ୪୮୦ | ୩୫.୦୦ | ୧.୭୫ | Mining Plan ଅନୁ ମୋଦିତ (Forest Diversion Required) |
| ୦୭ | ବାଟିବାସପୁର | ୭୯/ ୧୪-୧୫ | ବାଟିବାସପୁର ପଥରଖଣି | ୧୫ | ୬୩/୧ | ୧.୫୦ | ୧୧୦୩୬/- | ୧୬୧୭ | ୧୩୦.୦୦ | ୬.୫୦ | Mining Plan ଅନୁ ମୋଦିତ (Forest Diversion Required) |
| ୦୮ | ଗହମ | ୭୩/ ୧୪-୧୫ | ଗହମ ପଥରଖଣି | ୪୬୪ | ୩୦୭୧ | ୧.୦୦ | ୫୭୩୩ | ୮୪୦ | ୧୩୦.୦୦ | ୬.୫୦ | Mining Plan ଅନୁ ମୋଦିତ |

ଜ୍ଞାପକ ସଂଖ୍ୟା 5108 ତା 15.X.18

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୁଳ / ଉପ-ଜିଲ୍ଲାପାଳ, ତାଳଚେର / ଅନୁଗୁଳ ଜିଲ୍ଲାର ସମସ୍ତ ତହସିଲଦାର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, କଣିହାଁ / କଣିହାଁ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ / ସମସ୍ତ ସରପଞ୍ଚ ED, NTPC / ସମସ୍ତ ବିଗତ ବର୍ଷର ଲିଜଧାରୀ ମାନଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପଠାଗଲା ।
ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଅନୁଗୁଳଙ୍କ ଅବଗତି ତଥା ଜିଲ୍ଲା website ରେ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

15.10.18

ତହସିଲଦାର, କଣିହାଁ

Scanned by CamScanner